# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ୟବେକ୍षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.254, Bhubaneswar Thursday, November 21, 2019 | ୨୨ତମ ବର୍ଷ | ସଂଖ୍ୟା–୨୫୪ | ଭୁବନେଶ୍ୱର ଗୁରୁବାର, ନଭେମ୍ବର ୨୧, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ଧାନ କିଣା ବ୍ୟବସ୍ଥାକୁ ସରଳୀକରଣ କରିବା ଓ ଭୁବନେଶ୍ୱରରୁ ଟୋକନ ବ୍ୟବସ୍ଥା ବାତିଲ୍ ଦାବିରେ ନବୀନ ନିବାସ ଘେରାଉ

ଭୁବନେଶ୍ୱର, ୨୦।୧୧(ପି.ଏନ): ଧାନ କିଣା ବ୍ୟବସ୍ଥାକୁ ସରଳୀକରଣ କରିବା ଓ ଭୁବନେଶ୍ୱରରୁ ଟୋକନ ବ୍ୟବସ୍ଥା ବାତିଲ୍ କରିବା ଦାବିରେ ଆସନ୍ତା କାଲି ନବନିର୍ମାଣ କୃଷକ ସଂଗଠନ ତରଫରୁ ନବୀନ ନିବାସ ଘେରାଉ କରାଯିବ ବୋଲି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏକ ପ୍ରେସ୍ ବିବୃତି ଜରିଆରେ ଜଣାଇଛନ୍ତି। ଶ୍ରୀ ନନ୍ଦ କହିଛନ୍ତି ଯେ, ଓଡ଼ିଶା ସରକାର ଚାଷୀଙ୍କ ପାଇଁ ବହୁବିଧ ଯୋଜନା କରୁଛନ୍ତି ବୋଲି ଧୂଆଁବାଣ ଘୋଷଣା କରୁଥିବା ବେଳେ ଧାନ କିଣା ଆରମ୍ଭରୁ ହିଁ ସରକାରଙ୍କ ମୁଖା ଖସିପଡ଼ିଛି। ଯେଉଁ ଚାଷୀ ଭଲ ଭାବରେ ଦସ୍ତଖତ କରିପାରେ ନାହିଁ, ତାକୁ ମୋବାଇଲ୍ ଯୋଗେ ମେସେଜ ଦେଇ ଧାନକିଣା ବ୍ୟବସ୍ଥା କରାଯିବା ଅତ୍ୟନ୍ତ ଲଜ୍ଜାଜନକ ଓ ଅପରିଣାମଦର୍ଶୀ ନିଷ୍ପତି। ଏଭଳି ନିଷ୍ପତିକୁ ସଂଗଠନ ତରଫରୁ କଡ଼ା ବିରୋଧ କରାଯାଇ ଆସନ୍ତା କାଲି ଦିବା ୧୧ ଘଟିକାରୁ ମାଷ୍ଟର କ୍ୟାଂଟିନରୁ ଚାଷୀମାନେ ନବନିର୍ମାଣ ସଂଗଠନ ନେତୃତ୍ୱରେ ନବୀନ ନିବାସ ଅଭିମୁଖେ ଶୋଭାଯାତ୍ରାରେ ବାହାରିବେ। ଉଭୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ବର୍ଷ ବର୍ଷ ଧରି ଧାନକିଣା ଅବ୍ୟବସ୍ଥାର ସମାଧାନ ଓ ହ୍ୟାଣ୍ଡେଲିଙ୍ଗ ଚାର୍ଜ ନାମରେ ବର୍ଷ ବର୍ଷ ଧରି ହୋଇଥିବା କୋଟି କୋଟି ଟଙ୍କା ଦୁର୍ନୀତିର ତଦନ୍ତ ପାଇଁ ଦାବି କରାଯିବ ବୋଲି ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି।

## ଝାଡ଼ା ବାନ୍ତିରେ ୫୦ ଆକ୍ରାନ୍ତ

ଝାରସୁଗୁଡ଼ା, ୨୦।୧୧(ପି.ଏନ): ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଦଲଗାଁ ପଂଚାୟତର ବଳିଆମୁଣ୍ଡ ଗ୍ରାମରେ ଝାଡାବାନ୍ତି ରେ ପାୟ ୫୦ ଜଣ ଆକ୍ରାନ୍ତ ହୋଇଛନ୍ତି।ଏମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।ଏମାନେ ହେଲେ ପୁନି ଓରାମ(୬୫),ଅଞ୍ଜଳି ଓରାମ(୧୫) ଓ ପୁନି ଓରାମ(୫୮)। ଅନ୍ୟମାନଙ୍କୁ କୁମ୍ଭାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡିଦିଆଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ କୁମୁଦିନୀ ଓରାମ(୨୩),ତାରାପତି ଓରାମ(୪୮),ମୁଲାବତୀ ଓରାମ(୫୦),ମହେଶ୍ୱର ଓରାମ(୧୪),ପିଙ୍କି ଓରାମ(୧୯),ସୁଦର୍ଶନ ଓରାମ(୨୧),ପୂର୍ଣ୍ଣିମା ଓରାମ(୭) ପ୍ରମୁଖ ରହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଗ୍ରାମକୁ ଏକ ଡାକ୍ତରୀ ଦଳ ଯାଇ ରୋଗୀଙ୍କୁ ଔଷଧ ବଂଟନ କରିବା ସହିତ ଖାଦ୍ୟ,ପାନୀୟଜଳ ବ୍ୟବହାର ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଗ୍ରାମରେ ଥିବା କୂଅ,ନଳକୂପ, ପାଣିଟାଙ୍କି, ନାଳ ଆଦିରେ ବ୍ଲିଚିଂ ପାଉଡର ପକାଯାଇଛି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ନଳକୂପ ଓ କୂଅର ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ପାଣିରୁ ଏଭଳି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। ପାଣି ପରୀକ୍ଷା ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୪ତମ ଭାରତୀୟ ଇଣ୍ଡିଆନ ଅର୍ଥୋପେଡ଼ିକ କନଫରେନ୍ସର ଲୋଗୋ ଉନ୍ମୋଚନ କରୁଛନ୍ତି

## ପାନୀୟ ଜଳ ଯୋଗାଣରେ ଓଡିଶା ଫେଲ୍ : ବିଜେପି

ଭୁବନେଶ୍ୱର,୨୦।୧୧(ପି.ଏନ): ଓଡିଶାର ୮୦ ପ୍ରତିଶତ ଲୋକ ନିଜସ୍ୱ ବ୍ୟବସ୍ଥାରେ ନିଜର ପାନୀୟ ଜଳର ଚାହିଦା ମେଂଟାଉଛନ୍ତି। ବିଶେଷ ଭାବେ ଏହି ଚାହିଦା ମେଂଟାଇବାକୁ ରାଜ୍ୟବାସୀ ସାଧାରଣରେ କୂଅ, ନଳକୂପ, ଚୁଆ ଆଦି ଉପରେ ନିର୍ଭର କରୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ମାତ୍ର ୧୪% ଲୋକଙ୍କୁ ସରକାର ପାଇପ ଯୋଗେ ପାଣି ଯୋଗାଉଥିବାବେଳେ ବଳକା ୮୬% ଲୋକ ଏବେବି ପାଇପ ପାଣିରୁ ବଂଚିତ। ସେହିପରି ଗ୍ରାମାଂଚଳରେ ବର୍ତମାନ ସୁଦ୍ଧା ମାତ୍ର ୩.୫% ଘରକୁ ପାଇପ ଯୋଗେ ପାନୀୟ ଜଳ ଆସୁଛି। ୨୦୨୦ ମସିହା ସୁଦ୍ଧା ସମଗ୍ର ରାଜ୍ୟବାସୀଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସରକାର ଦେଇଥିବା ପ୍ରତିଶୃତି ପାଳନ କରିବାରେ ବିଜେଡି ସରକାର ବିଫଳ ହୋଇଛନ୍ତି ବୋଲି ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଡ.ସାମନ୍ତସିଂହାର ଅଭିଯୋଗ କରି କହିଛନ୍ତି ଯେନିତି ଆୟୋଗ ଏବଂ ଅନ୍ୟାନ୍ୟ ଏଜେନ୍ସି ଯଥା ଡେଭ୍ଲୋପ୍ମେଂଟ୍ ଅଲ୍ଟରନେଟିଭ୍ସ, କେପିଏମ୍ଜି ଏବଂ ଜର୍ମାନୀର ହ୍ୟାନରିକ୍ ବୋଲ୍ ଭଳି ଏମିତି ଅନେକ ରାଷ୍ଟ୍ରିୟ ଏବଂ ଅନ୍ତରାଷ୍ଟ୍ରୀୟ ରିସର୍ଚ ଏଜେନ୍ସିମାନଙ୍କ ତଥ୍ୟ ଏକାଠି କଲାପରେ ଜଣାପଡୁଛି ଯେ, ଓଡିଶାର ପାନୀୟ ଜଳ ଅନେକ ମାତ୍ରାରେ ଦୂଷିତ ଏବଂ ଉପଯୋଗୀହୀନ। ୨୦ବର୍ଷ ଶାସନରେ ରହିଲା ପରେ ମଧ ଶାସକ ବିଜେଡି ବର୍ତମାନ ସୁଦ୍ଧା ରାଜ୍ୟବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଦ୍ୱିତୀୟତଃ ରାଜ୍ୟରେ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରମାନଙ୍କରେ ଯେତିକି ବ୍ୟର୍ଜ ପାଣି ବାହାରୁଛି, ସେଥିରୁ ମାତ୍ର ୬% ଉପଯୋଗ କରିବାର କ୍ଷମତା ରାଜ୍ୟସରକାରଙ୍କର ଥିବାବେଳେ ବଳକା ୯୪ ପ୍ରତିଶତ ଅନୁପଯୋଗ ପାଣି ବୋହିଯାଇ ମାଟି ତଳେ ଥିବା ଶୁଦ୍ଧ ପାଣିକୁ ଦୂଷିତ କରୁଛି। ଏହି ପାଣିରୁ ହିଁ ସାଧାରଣ ଲୋକେ ବୋରିଙ୍ଗ କରି ପାଣି ବ୍ୟବହାର କରୁଥିବା କାରଣରୁ ଲୋକମାନଙ୍କୁ ଜଣ୍ଡିସ୍, ଡାଇରିଆ, କିଡନୀ ରୋଗ ଭଳି ମାରାତ୍ମକ ରୋଗ ହେଉଛି। ଏଥିରୁ ସାଧାରଣରେ ଅନୁମାନ କରାଯାଇପାରେ, ଆମକୁ ଯେଉଁ ପାଣି ପାଇପ୍ ଯୋଗେ ମିଳୁଛି ତାହା କେତେ ମାତ୍ରାରେ ଶୁଦ୍ଧ ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କହିଛନ୍ତି।

## ୧୩ ଦଫା ଦାବିରେ ଅଖିଳ ଭାରତ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ଶ୍ରମ କମିଶନଙ୍କ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୨୦।୧୧(ପି.ଏନ): ଅଖିଳ ଭାରତ ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ଦେଶବ୍ୟାପୀ ଦିଆଯାଇଥିବା ନର୍ମାଣ ଶ୍ରମିକମାନଙ୍କର ପ୍ରତିବାଦ ଦିବସ ଆଜି ଓଡ଼ିଶାରେ ଶ୍ରମ କମିଶନଙ୍କ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ନିର୍ମାଣ ଶ୍ରମିକମାନଙ୍କର ୧୩ ଦଫା ଦାବିକୁ ନେଇ ସ୍ଥାନୀୟ ରେଳ ଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନିର୍ମାଣ ଶ୍ରମିକମାନଙ୍କୁ ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା, ପେନ୍ସନ ୩ ହଜାର ଟଙ୍କା, ଗୃହ ନିର୍ମାଣ ଲାଗି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଦାନ କରିବା, ଇପିଏଫ୍ ଓ ଇଏସ୍ଆଇ ଦେବାର ବ୍ୟବସ୍ଥା, ଶ୍ରମ କୋଡ୍କୁ ବାତିଲ୍ କରିବା, ନିର୍ମାଣ ଶ୍ରମିକ ବୋର୍ଡ଼କୁ ଅକାମୀ ନକରିବା, ୮ ଘଂଟାରୁ ଉର୍ଦ୍ଧ୍ୱ ସମୟ କାମ କରିବା ପରେ ଓଭର ଟାଇମ୍ ବୋନସ ପ୍ରଦାନ କରିବାକୁ ଶ୍ରମିକନେତାମାନେ ଦାବି କରିଥିଲେ। ଅଖିଳ ଭାରତ ନିର୍ମାଣ ଶ୍ରମିକ ମହାସଂଘର କାର୍ଯ୍ୟକାରୀ ସଭାପତି ଓ ପୂର୍ବତନ ବିଧାୟକ ରାଧାକାନ୍ତ ସେଠି ତାଙ୍କ ବକ୍ତବ୍ୟରେ କହିଲେ ଯେ, ମୋଦି ସରକାର ୪୪ ଗୋଟି ଶ୍ରମ ଆଇନ୍କୁ ୪ଟି କୋଡ୍ରେ ପରିଣତ କରିଛନ୍ତି ଯାହାଫଳରେ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଆଗାମୀ ଦିନରେ ଅତି ଶୋଚନୀୟ ହୋଇପଡ଼ିବ। ଦେଶର ୨୮ଟି ରାଷ୍ଟ୍ରାୟତ ଉଦ୍ୟୋଗକୁ ବିଜେପି ସରକାର ଘରୋଇ ମାଲିକାନା ହାତକୁ ଟେକି ଦେବାଲାଗି ମୋଦି ଯୋଜନା ପ୍ରସ୍ତୁତ କରୁଛନ୍ତି, ଏହାକୁ ସମସ୍ତ ଶ୍ରମଜୀବୀ ବ୍ୟକ୍ତିବିଶେଷ ବିରୋଧ କରିବା ଦରକାର। ଅଖିଳ ଭାରତ ନିର୍ମାଣ ଶ୍ରମିକ ମହାସଂଘର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା କହିଲେ ଯେ, ମୋଦି-ଶାହାଙ୍କ ନେତୃତ୍ୱରେ ଆର୍.ଏସ୍.ଏସ୍. ଉପଦେଶରେ ଗଢୁଥିବା ସରକାର ବର୍ତମାନ ସାରା ଦେଶର ସମ୍ପତିକୁ ବିକ୍ରି କରିବାରେ ଲାଗିଛନ୍ତି। ହଜାର ହଜାର ଶ୍ରମିକ ଛଟେଇ ଚାଲିଥିବାବେଳେ ନିର୍ମାଣ ଶ୍ରମିକମାନେ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ କାମ ନପାଇ ବେରୋଜଗାର ହୋବର ଲାଗିଛନ୍ତି। ସରକାର ଏଥିପ୍ରତି ଧ୍ୟାନ ଦେବା ଦରକାର। ନିର୍ମାଣ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟବସ୍ଥା ସହାୟତା ଲାଗି ରାଜ୍ୟ ସରକାର ତୁରନ୍ତ ବ୍ୟବସ୍ଥା କରିବା ଦରକାର। ଅଖିଳ ଭାରତ ନିର୍ମାଣ ଶ୍ରମିକ ମହାସଂଘର ସଭାପତି ନିତ୍ୟ କିଶୋର ମହାନ୍ତି ନିର୍ମାଣ ଶ୍ରମିକମାନଙ୍କ ଲାଗି ଇପିଏଫ୍ ଓ ଇଏସ୍ଆଇ ପ୍ରଦାନ କରିବା ଲାଗି ବ୍ୟବସ୍ଥା ଥିଲେ ମଧ ସରକାର ତାହାର ବ୍ୟବସ୍ଥା କରୁନାହାଁନ୍ତି। ନିର୍ମାଣ ଶ୍ରମିକମାନଙ୍କର ପଞ୍ଜିକରଣ ଓ ସହାୟତା ମଧ ଠିକ୍ ସମୟରେ ନମିଳିବା ଅତି ଦୁଃଖଦାୟକ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ। ଏହି ପ୍ରତିବାଦ ସଭାର ଏକ ପ୍ରତିନିଧି ମଣ୍ଡଳୀ ଶ୍ରମ କମିଶନର ଓ କୋଠାବାଡି ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷଙ୍କୁ ୧୩ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀର ଲିଟୁଲାଲ ସୁବୁଦ୍ଧି, ସତ୍ୟମନୁ, ସମରବଳ, କୁଶ ମହାକୁଡ଼, ବଂଶୀଧର ପରିଡ଼ା, ଜ୍ୟୋତ୍ସ୍ନା ମିଶ୍ର, ମାନସ ପ୍ରଧାନ ନେତୃତ୍ୱ ନେଇଥିଲେ।

## ବିଜେପି ମୁଖପାତ୍ରଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ନରସିଂହ ମିଶ୍ର

ଭୁବନେଶ୍ୱର, ୨୦।୧୧(ପି.ଏନ): ବିଜେପି ମୁଖପାତ୍ର ଙ୍କ ବିରୁଦ୍ଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର। ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ସେ ଦେଇଥିବା ବକ୍ତବ୍ୟକୁ ଭୁଲ ଭାବେ ଉଦ୍ଧୃତ କରିଥିବାରୁ ଏହା ଦ୍ୱାରା ତାଙ୍କର ସ୍ୱାଧିକାର ଭଙ୍ଗ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରଶ୍ନୋତର କାର୍ଯ୍ୟକ୍ରମ ଶେଷ ହେବା ପରେ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କୁ କହିବାକୁ ଅନୁମତି ଦେଇଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ସେ ଦେଇଥିବା ବକ୍ତବ୍ୟକୁ ବିଜେପି ପ୍ରବକ୍ତା ଭୁଲ ଭାବେ ଉଦ୍ଧୃତ କରିଛନ୍ତି। ଏହା ଦ୍ୱାରା ତାଙ୍କର ସ୍ୱାଧିକାର ଭଙ୍ଗ ହୋଇଛି। ଏହା ପରେ ବାଚସ୍ପତି ଶ୍ରୀ ପାତ୍ର କହିଥିଲେ ଯେ ସେ ଏହା ଉପରେ ଅନୁଧ୍ୟାନ କରି ନିଷ୍ପତି ଗ୍ରହଣ କରିବେ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୧୧(ପି.ଏନ): ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଜୟରାମ ଠାକୁର ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଭେଟିଛନ୍ତି। ଉଭୟେ ହିମାଚଳପ୍ରଦେଶର ବିକାଶ ପାଇଁ ତୈଳ ଏବଂ ଗ୍ୟାସ ଭିତିଭିମିକୁ ମଜବୁତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ରାଜ୍ୟର ବିକାଶ ପାଇଁ ଅନନ୍ୟ ପ୍ରସଙ୍ଗରେ ମଧ୍ୟ ଉଭୟ ଆଲୋଚନା କରିଥିବା ଟ୍ୱିଟ୍ କରି ଶ୍ରୀ ପ୍ରଧାନ ଜଣାଇଛନ୍ତି। ଏହି ଆଲୋଚନା କାଳରେ ଉଭୟ ମନ୍ତ୍ରୀ ହିମାଚଳ ପ୍ରଦେଶର ସିଟି ଗ୍ୟାସ ବିତରଣ(ସିଜିଡି) ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଚର୍ଚ୍ଚା କରିଥିଲେ। ଏହି ପ୍ରକଳ୍ପ ଗୁଡିକ ଥରେ ସମ୍ପୂର୍ଣ୍ଣ ହୋଇଗଲେ ରାଜ୍ୟର ସମସ୍ତ ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଗୁଡିକୁ ସ୍ୱଚ୍ଛ ପ୍ରାକୃତିକ ଇନ୍ଧନ ଯୋଗାଯାଇପାରିବ। ଏହି ପ୍ରକଳ୍ପ ସ୍ୱଚ୍ଛ ଇନ୍ଧନ ବିକାଶରେ ଅଗ୍ରସର ହେବ ତଥା ହିମାଚଳ ପ୍ରଦେଶକୁ କମ୍ ଅଙ୍ଗାରକାମ୍ଳଯୁକ୍ତ ଅର୍ଥବ୍ୟବସ୍ଥା ବନାଇବା ପାଇଁ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଛତୁଆ ଯୋଗାଣରେ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା

ମାଲକାନଗିରି ,୨୦।୧୧(ପି.ଏନ): ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ୧୮ଟି ପଂଚାୟତର ଅଙ୍ଗନବାଡି କେନ୍ଦ୍ରରେ ଶିଶୁ ତଥା ମା ମାନଙ୍କ ପାଇଁ ଚିତ୍ରକୋଣ୍ଡାର ଲକ୍ଷେହୀରା ମହିଳା ସମବାୟ ସ୍ୱୟଂ ସହାୟକ ଗୋଷ୍ଠି ଛତୁଆ ପ୍ରସ୍ତୁତ କରି ଯୋଗାଇ ଆସୁଥିଲା। କିଛି ମାସ ହେଲା ଛତୁଆ ଯୋଗାଣ ରେ ବିଭିନ୍ନ ସମସ୍ୟା ଯଥା – ଛତୁଆ ଯୋଗାଣ ଯାତାୟାତ ଖର୍ଚ୍ଚ ସମସ୍ତ ସ୍ଥାନ ପାଇଁ ଯାହା ମୂଲ୍ୟ ରହିଛି ବିଛିନ୍ନାଂଚଳ ତଥା ସ୍ୱାଭିମାନ ଅଂଚଳ କୁ ଯାତାୟାତ ପାଇଁ ଖର୍ଚ୍ଚ ଭାବରେ ଅତିରିକ୍ତ କୁଲି ମଞ୍ଜୁରୀ, ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡ଼ି ରେ ଅଙ୍ଗନବାଡି ବାଡ଼ି କେନ୍ଦ୍ର ମାନଙ୍କରେ ଛତୁଆ ପହଂଚିବା ବେଳକୁ ସରକାର ନିର୍ଧାରଣ ମୂଲ୍ୟ ଠାରୁ ୧୦ ଗୁଣା ଖର୍ଚ୍ଚ କରିବାକୁ ପଡୁଛି। ସେହିଭଳି ସ୍ଥାନୀୟ ବଜାରରେ ବୁଟ, ବାଦାମ ଓ ରାଶି ର କିଣା ମୂଲ୍ୟ ଯାହା ରହିଛି ସରକାର ଙ୍କ ନିର୍ଧାରିତ ମୂଲ୍ୟ ବହୁତ କମ ରହିଛି ଫଳରେ ମହିଳା ଗୋଷ୍ଠିକୁ କ୍ଷତି ସହିବାକୁ ପଡୁଛି।

## ଗୃହରେ ଜଣେ ହେଲେ ମନ୍ତ୍ରୀ ନ ରହିବାରୁ ବିରୋଧୀଙ୍କ ହଙ୍ଗାମା, ବାଚସ୍ପତି କହିଲେ ମନ୍ତ୍ରୀ ରହିବା ଆବଶ୍ୟକ

ଭୁବନେଶ୍ୱର, ୨୦।୧୧(ପି.ଏନ): ଗୃହ ଚାଲିଥିବା ବେଳେ ଜଣେ ହେଲେ ମନ୍ତ୍ରୀ ଉପସ୍ଥିତ ନ ଥିବାକୁ ନେଇ ବିରୋଧୀ ଦଳର ବିଧାୟକ ମାନେ ହଙ୍ଗାମା କରିଥିଲେ। ବିରୋଧୀ ଦଳର ହଙ୍ଗାମା ପରେ ମନ୍ତ୍ରୀ ଓ ଶାସକ ଦଳର ବିଧାୟକ ମାନେ ଗୃହକୁ ଆସି ସେମାନଙ୍କ ଆସନରେ ବସି ରହିବା ଦେଖା ଯାଇଥିଲା। ବାଚସ୍ପତି ମଧ୍ୟ ଗୃହ ଚାଲୁଥିବା ବେଳେ କିଛି ମନ୍ତ୍ରୀ ଗୃହରେ ରହିବା ଆବଶ୍ୟକ ବୋଲି ତାଗିଦ କରିଥିବା ଦେଖିବାକୁ ମିଳିଥିଲା। ପ୍ରଶ୍ନୋତର କାର୍ଯ୍ୟକ୍ରମ ଶେଷ ହେବା ପରେ ଓ ସ୍ୱାଧିକାର ଭଙ୍ଗ ନୋଟିସ ସମ୍ପର୍କରେ କହିବା ପରେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହୁଥିବା ବେଳେ ରାଜ୍ୟ ସରକାରଙ୍କର କୌଣସି ମନ୍ତ୍ରୀ ଗୃହରେ ଉପସ୍ଥିତ ନ ଥିଲେ। ଏହାକୁ ନେଇ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟ ମାନେ ଆପତି ବ୍ୟକ୍ତ କରିବା ସହ ସରକାରୀ ଦଳ ଗୃହକୁ କେତେ ଗୁରୁତ୍ୱର ସହ ନେଉଛନ୍ତି ତାହା ସ୍ପଷ୍ଟ ହେଉଛି ବୋଲି କହିଥିଲେ। ଏହା କହିବା ସହ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ହଙ୍ଗାମା କରିବା ଆରମ୍ଭ କରି ଦେଇଥିଲେ। ହଙ୍ଗାମା ଆରମ୍ଭ ହେବା ଦେଖି ମନ୍ତ୍ରୀ ଓ ଶାସକ ଦଳର ଅନ୍ୟ ବିଧାୟକ ମାନେ ଆସି ନିଜ ନିଜ ଆସନରେ ବସିଥିଲେ। ଏହି ଘଟଣା ଉପରେ ତାଗିଦ କରି ବାଚସ୍ପତି କହିଥିଲେ ଯେ ଗୃହ ଚାଲୁଥିବା ବେଳେ କିଛି ମନ୍ତ୍ରୀ ଉପସ୍ଥିତ ରହିବା ଆବଶ୍ୟକ। ସରକାରୀ ଦଳର ମୁଖ୍ୟ ସଚେତକ ଏହାର ଦାୟିତ୍ୱ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବ ଠିକାଦାର ସଂଘ

ପୁରୀ, ୨୦।୧୧(ପି.ଏନ):ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, କୃଷ୍ଣପ୍ରସାଦ ଜୋନର ଠିକାଦାରମାନେ ବୁଧବାର ଦିନ ଜଳସେଚନ ବିଭାଗ ମଙ୍ଗଳାମନ୍ଦିରଠାରେ ମିଳିତ ହୋଇ ସେମାନଙ୍କର ୧୦ଦଫା ଦାବି ସଂପର୍କରେ ଆସନ୍ତା ୨୫ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତି କରିଛନ୍ତି। ଏହି ବୈଠକରେ ୨ଶହରୁ ଉର୍ଦ୍ଧ୍ୱ ଠିକାଦାର ଯୋଗଦେଇଥିଲେ। ୧୦ଦଫା ଦାବି ମଧ୍ୟରେ ଲଘୁଜାତ ଖଣିଜ ପଦାର୍ଥର କିଣାମୂଲ୍ୟ, ରୟାଲିଟ ନେଇ ସରକାରଙ୍କ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହାସହ ଟେଣ୍ଡର ପ୍ରକ୍ରିୟାରେ ୧୪.୯୯ପ୍ରତିଶତ କମକୁ ଉଚ୍ଛେଦ କରିବା, କେନ୍ଦ୍ର ସରକାରଙ୍କ ଡାଟାବୁକ୍ ରାଜ୍ୟରେ ପ୍ରଚଳନ କରିବା, ୨୦୧୪ ସର୍କୁଲେଟର ପୁନଃପ୍ରଚଳନ, ଶ୍ରମିକ ମଜୁରୀ ନିର୍ଦ୍ଧାରଣ, ସଂଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ ଆଦି ଦାବି ରହିଛି।

## ସବୁ କ୍ଷେତ୍ରରେ ପିଲାମାନଙ୍କର ଭାଗୀଦାରିତାକୁ ପ୍ରୋତ୍ସାହିତ କରିବା ଉଚିତ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୧(ପି.ଏନ): ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଓ ଯତ୍ନ ଯୋଗାଇଦେବା ଉଚିତ। ତା ହେଲେ ଯାଇ ଏକ ସମୃଦ୍ଧ ସମାଜ, ଶୃଙ୍ଖଳିତ ସାମାଜିକ ବ୍ୟବସ୍ଥା ସମ୍ଭବ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ପ୍ରକାଶ କରିଛନ୍ତି। ମିଳିତ ଜାତିସଂଘର ଶିଶୁ ଅଧିକାରୀ ସମ୍ମିଳନୀର ୩୦ ବର୍ଷ ପୂର୍ତି ଅବସରରେ ଓଡ଼ିଶା ଆଲାୟାନ୍ସ ଫର ଚାଇଲଡ଼ ରାଇଟ୍ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଆମେ ସବୁ କ୍ଷେତ୍ରରେ ପିଲାମାନଙ୍କ ଭାଗୀଦାରିତାକୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ସମସ୍ତ ପ୍ରକାର ନିର୍ଯ୍ୟାତନା ଓ ଶୋଷଣରୁ ମୁକ୍ତ କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଉଚିତ। ସମସ୍ତ ନାଗରିକ ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାର ଏଥିପାଇଁ ସମସ୍ତ ଉଦ୍ୟମ କରୁଛନ୍ତି। ସରକାର ମଧ ଶିଶୁ ମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବହୁ ଯୋଜନା ହାତକୁ ନେଇଛନ୍ତି। ଛୋଟ ପିଲାଙ୍କ ପାଇଁ ଟୀକାକରଣ ବ୍ୟବସ୍ଥାଠାରୁ ଆରମ୍ଭ କରି କିଶୋରୀ ଓ ବାଳିକା ମାନଙ୍କ ପାଇଁ ଆଇରନ୍ ଫୋଲିକ୍ ଟାବଲେଟ୍ ଯୋଗାଇ ଦେଉଛନ୍ତି। ଆସନ୍ତୁ ଆଜିର ଦିନରେ ଆମେ ସମସ୍ତେ ମିଳିମିଶି ଶିଶୁମାନଙ୍କର ଅଧିକାର ଅକ୍ଷୁର୍ଣ୍ଣ ରଖିବାକୁ ସଂକଳ୍ପବଦ୍ଧ ହେବା। ରାଜ୍ୟ ଓଡ଼ିଶା ଆଲାୟାନ୍ସ ଫର ଚାଇଲଡ଼ ରାଇଟର ଅଧକ୍ଷ ରଂଜନ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ଶିଶୁମାନଙ୍କର ଅଧିକାର ସମ୍ପର୍କରେ ମତଦେଇ କହିଲେ ଯେ ଶିଶୁମାନଙ୍କର ବଂଚିବାର ଅଧିକାର, ବିକାଶ ବା ବଢ଼ିବାର ଅଧିକାର, ସୁରକ୍ଷା ଅଧିକାର ଓ ଭାଗୀଦାରିତା ଅଧିକାର ନିହାତି ଗୁରୁତ୍ୱପୂର୍ଣ୍ଣ। ଜନ୍ମଗ୍ରହଣ କରିବା ଓ ଶିଶୁର ବଂଚିବାର ନ୍ୟୁନତମ ଆବଶ୍ୟକତାକୁ ପୂରଣ କରିବା, ସେମାନେ ପୂର୍ଣ୍ଣ ରୂପେ ବିକଶିତ ହେବା ପାଇଁ ଯାହା ଆବଶ୍ୟକ ଯୋଗାଇବା, ସେମାନଙ୍କୁ ସମସ୍ତ ପ୍ରକାର ନିର୍ଯ୍ୟାତନା ଓ ଶୋଷଣକୁ ସୁରକ୍ଷା ଦେବା, ଶିଶୁମାନଙ୍କ ସହିତ ଜଡ଼ିତ ଥିବା ବିଷୟରେ ସେମାନଙ୍କ ଭାଗୀଦାରିତାକୁ ପ୍ରୋତ୍ସାହିତ କରିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ। କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଲେ ଯେ, ଶିଶୁ ସୁରକ୍ଷା ଆମର ଦାୟିତ୍ୱ। ଏ ଦିଗରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଶିଶୁମାନଙ୍କ ଶିକ୍ଷାର ବିକାଶ ସହ ପୁଷ୍ଟିକର ଆହାର ଯୋଗାଇଦେବା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଶିଶୁ ହସିଲେ ଦୁନିଆ ହସିବ। ଶିଶୁମାନଙ୍କୁ ଉପଯୁକ୍ତ ଲାଳନ ପାଳନ ସହ ମୌଳିକ ଶିକ୍ଷା ପ୍ରଦାନ ଦିଗରେ ଅଭିଭାବକମାନେ ଦୃଷ୍ଟିଦେବା ଉଚିତ। ଏହି ଅବସରରେ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷ ସୁବାଶ ସିଂ ଯୋଗଦେଇ ଶିଶୁମାନଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିଥିବା ବେଳେ ୟୁନିସେଫର ରାଜ୍ୟ ମୁଖ୍ୟ ମୋନିକା ନେଲସନ୍ ଶିଶୁ ସୁରକ୍ଷା କ୍ଷେତ୍ରରେ ୟୁନିସେଫର ଭୂିକା ଉପରେ ମତଦେଇ କହିଲେ ଯେ, ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ମିଳନୀର ୩୦ ବର୍ଷ ପୂର୍ତି ଅବସରରେ ଏହି ବର୍ଷ ସମଗ୍ର ବିଶ୍ୱ ସିଆରସି ୩୦ ବର୍ଷ ପାଳନ କରୁଛି। ମିଳିତ ଜାତିସଂଘ ଦ୍ୱାରା ଘୋଷିତ ଶିଶୁ ଅଧିକାର ଘୋଷଣା ନାମା ହେଉଛି ବିଶ୍ୱର ସବୁଠାରୁ ଆଦୃତ ମାନବ ଅଧିକାରର ଏକ ଚୁକ୍ତିପତ୍ର। ସିଆରସି ହେଉଛି ଏକ ଚୁକ୍ତି ଯାହା ୧୮ ବର୍ଷ ତଳେ ଥିବା ସମସ୍ତ ପିଲାମାନଙ୍କୁ ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅଧିକାର ସହିତ ସୁରକ୍ଷା ଦିଗରେ ଯତ୍ନବାନ ହେବା ସହିତ ଏହି ସମ୍ମିଳନୀର ମାଧ୍ୟମରେ ଶିଶୁ ଅଧିକାର ସାବ୍ୟସ୍ତ ପାଇଁ ପ୍ରଚାର ଓ ପ୍ରସାର କରିବା। ଶିଶୁମାନଙ୍କ ଆଇନଗତ ଅଧିକାରକୁ ମାନ୍ୟତା ଦେବା। ଶିଶୁମାନେ ଯେ କେବଳ ଯତ୍ନ ଓ ସୁରକ୍ଷାର ହକ୍‌ଦାର ଏହା ସହ ଶିଶୁମାନଙ୍କର ସମସ୍ତ ଅବଶ୍ୟକତା ପୂରଣ କରିବା ମଧ ଆମର ଦାୟିତ୍ୱ। ଏ ଦିଗରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଭାଗରୁ ଛାତ୍ରଛାତ୍ରୀ ଯୋଗଦେଇଥିଲା। ୨୧୭ ଜଣ ପିଲାଙ୍କୁ ନେଇ ୩୦ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ଶିଶୁ ଅଧିକାର ସମ୍ପର୍କରେ କରିଥିବା ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ଗିରଫ ହେଲେ ୬ ଅଭିଯୁକ୍ତ: ବନ୍ଧୁକ, ବୋମା, ବାଇକ ଜବତ

ଧର୍ମଶାଳା, ୨୦।୧୧(ପି.ଏନ): ଗତକାଲି ବିଳମ୍ବିତ ରାତିରେ ୬ ଜଣ ଡକାୟତ ଚଣ୍ଡିଖୋଲ ନିକଟରେ କୌଣସି ଏକ ସ୍ଥାନରେ ଏକ ବଡ ଅପରାଧ କରିବାକୁ ଯୋଜନା କରୁଥିବା ବେଳେ ଯାଜପୁର ରୋଡ ଏସଡିପିଓ ଚିନ୍ମୟ କୁମାର ମହାନ୍ତି କୌଣସି ସୂତ୍ରରୁ ଖବରପାଇ ବଡଚଣା ପୁଲିସ ସହାୟତାରେ ଘଟଣାସ୍ଥଳରେ ପହଂଚି ସେଠାରେ ଥିବା ୬ ଜଣ ଯୁବକଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହିତ ବିଭିନ୍ନ ସାମଗ୍ରୀ ଜବତ କରିଥିବା ପୁଲିସ ଆଜି ବଡଚଣା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବଡଚଣା ଥାନା ଅଧିନସ୍ଥ ଚଣ୍ଡିଖୋଲ ନିକଟସ୍ଥ ଏକ ସ୍ଥାନରେ ପୂର୍ବ ପ୍ରସ୍ତୁତି ଅନୁସାରେ ୬ ଜଣ ଅପରାଧି କୌଣସି ଏକ ସ୍ଥାନରୁ ଏକ ବଡ ଧରଣର ଡକାୟତି କରିବାକୁ ଯୋଜନା କରୁଥିଲେ। ଏହି ସମୟରେ କୌଣସି ସୂତ୍ରରୁ ଖବରପାଇ ଯାଜପୁର ଏସଡିପିଓ ଶ୍ରୀ ମହାନ୍ତି ବଡଚଣା ପୁଲିସକୁ ଖବରଦେଇଥିଲେ ଏବଂ ଯାଜପୁରରୁ ନିଜେ ଆସି ସମସ୍ତେ ଏକତ୍ରିତ ହୋଇ ଘଟଣାସ୍ଥଳରେ ପହଂଚିଥିଲେ। ପୁଲିସ ପ୍ରଶାସନର ଉପସ୍ଥିତି ଫଳରେ ଡକାୟତମାନେ କରୁଥିବା ଯୋଜନା ଫସରଫାଟି ଯାଇଥିଲା। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ସମୟରେ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୭ଟି ହାତ ବୋମା, ଗୋଟିଏ ଭୁଜାଲି ଏବଂ ଗୋଟିଏ ଖଣ୍ଡା ସହିତ ୩ଟି ବାଇକ ଜବତ କରିଥିଲେ। ଏହି ଘଟଣାକୁ ନେଇ ବଡଚଣା ପୁଲିସ ଏକ ମୋକଦମା ନଂ.୨୪୫/୨୦୧୯ ଦାୟର କରି ସମସ୍ତ ଡକାୟତଙ୍କୁ ପଚରାଉଚରା କରିଥିଲା। ପୁଲିସ ତଦନ୍ତ ଅନୁସାରେ ଗିରଫ ଅଭିଯୁକ୍ତମାନେ ଯାଜପୁର ସହିତ ବିଭିନ୍ନ ଥାନାରେ ବହୁ ମାମଲା ରହିଛି ଜାଣିବାକୁ ପାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ନିହଲପ୍ରସାଦ ଥାନାର ନବଘନ ସାହୁଙ୍କ ପୁଅ ସ୍ୱରୂପ ସାହୁ, ଯାଜପୁର ଥାନାର ଗୋବଣ୍ଡିଆ ଗାଁର କମ୍ଭୁଚରଣ ନାୟକଙ୍କ ପୁଅ ସୁବୋଧ ନାୟକ, ସଦରଥାନା ଅଧିନସ୍ଥ ସାନବାଙ୍କସାହି ଗାଁର ରଘୁନାଥ ପଣ୍ଡାଙ୍କ ପୁଅ କେଦାରନାଥ ପଣ୍ଡା, ବଡଚଣା ଥାନା ନିସିମଳା ଗାଁର ସରୋଜ କୁମାର ଜେନାଙ୍କ ପୁଅ ଦିବ୍ୟରଞ୍ଜନ ଜେନା, ବଡଚଣା ଥାନା ନୂଆସୁଙ୍ଗୁଡା ଗାଁର ବିଷ୍ଣୁଚରଣ ମହାଲାଙ୍କ ପୁଅ ରଶ୍ମିରଞ୍ଜନ ମହାଲା, ମାହାଙ୍ଗା ଥାନା ଅଧିନସ୍ଥ ମୂଳବସନ୍ତ ଗାଁର ଦେବେନ୍ଦ୍ର ସିଂହଙ୍କ ପୁଅ ବିକ୍ରମ ସିଂହ ବୋଲି ସୂଚନା ଦେଇଛି। ଏହି ଅଭିଯୁକ୍ତମାନେ ନିକଟସ୍ଥ ବଡଚଣା ଥାନା ଅଂଚଳରେ ଏକ ବଡ ଡକାୟତି କରିବାକୁ ଯୋଜନା କରୁଥିଲେ। ତେବେ ସେମାନଙ୍କ ଯୋଜନା ପଣ୍ଡହେବା ସହିତ ଗିରଫ ହୋଇଥିଲେ।

ପର୍ଯ୍ୟବେକ୍ଷକ
PARYABEKHYAK










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। ୀରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଗ୍ଭଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷ୍ୟୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ‘କଫି’ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ବିପ୍ଳବ ରୂପ ଧାରଣା କଲା ସିଭିଲ ସୋସାଇଟିର ଆନ୍ଦୋଳନ

## ରାସ୍ତାକୁ ଓହ୍ଲାଇଲେ ଜନସାଧାରଣ, ସରକାର ନଛୋଡବନ୍ଧା




କେନ୍ଦୁଝର(ପିଏନ) : ଗତ ୧ ମାସ ଧରି ସରକାରଙ୍କୁ ଅନୁନୟ ବିନୟ କଲା ପରେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ନ ମିଳିବା ପରେ ଆଜି ବଡବିଲର ଜନସାଧାରଣ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି । ଆଜି ସକାଳେ ୧ନଂ ୱାର୍ଡ ନାଲଦା ସୀମାନ୍ତରୁ ବଡବିଲର ଶହ ଶହ ମହିଳା ଓ ପୁରୁଷ ଏକାଠି ହୋଇ ଏକ ପଦଯାତ୍ରାରେ ଦୀର୍ଘ ୭କି.ମି. ସହର ମଧ୍ୟରେ ଅତିକ୍ରମ କରି କିରିବୁରୁ ଛକ ନିକଟ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବଡବିଲ ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ । ଗତ ମାସ ୧୯ତାରିଖ ଠାରୁ ବଡବିଲର ବିପର୍ଯ୍ୟସ୍ତ ମୁଖ୍ୟ ରାସ୍ତା ଓ ଗତ ୧୦ବର୍ଷ ଧରି ଫାଇଲ୍‌ରେ ବନ୍ଦ ଥିବା ବାଇପାସ୍ ରାସ୍ତା ତୁରନ୍ତ ନିର୍ମାଣ ଦାବି ନେଇ ବଡବିଲ ଜନସାଧାରଣ ବଡବିଲ ସିଭିଲ ସୋସାଇଟି ଜରିଆରେ ସରକାରଙ୍କୁ ଅନୁରୋଧ ଜଣାଇ ଆସୁଥିଲେ । ହଜାର ହଜାର ପୋଷ୍ଟକାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ପଠାଇବା ସଙ୍ଗେ ସଙ୍ଗେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ବିନତୀ କରାଯାଇଥିଲା । କିନ୍ତୁ ସରକାର ଏ ସମସ୍ତ ଅନୁରୋଧକୁ କର୍ଣ୍ଣପାତ କରିନଥିଲେ । ଶେଷରେ ବାଧ୍ୟ ହୋଇ ଆଜି ଶହ ଶହ ନଗରବାସୀ ଦୀର୍ଘ ୭କି.ମି. ପଦଯାତ୍ରା କରି ସରକାରଙ୍କୁ ଅନ୍ତିମ ଚେତାବନୀ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଉପାନ୍ତ ଅଂଚଳ ହୋଇଥିବା ଦୃଷ୍ଟିରୁ ଓ ଆଦିବାସୀ ଜନଜାତି ବହୁଳ ଅଂଚଳ ହୋଇଥିବାରୁ ଯୋଡା ଓ ବଡବିଲ ସହର ଦ୍ୱୟ ସର୍ବଦା ଅବହେଳାର ଶିକାର ହେଉଛନ୍ତି । ମାତ୍ରାଧିକ ଶିଳ୍ପାଞ୍ଚଳ ଗଢି ଉଠିବା ସହ ମାତ୍ରାଧିକ ଖଣିଜ ଦ୍ରବ୍ୟ ଉତୋଳନ ଏବଂ ପରିବହନ ସତ୍ୱେ ଏ ଅଂଚଳବାସୀ ସମସ୍ତ ସରକାରୀ ସୁବିଧାରୁ ବଂଚିତ ରହୁଛନ୍ତି । ଏ ସହର ଦ୍ୱୟରେ ପାଖାପାଖି ୨ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ବେଳେ ଏଠାରେ କୌଣସି ଡାକ୍ତରଖାନା ନାହିଁ । ପ୍ରାଥମିକ ଉପଚାର ପାଇଁ ଗୋଟିଏ ସିଏଚ୍‌ସି ହିଁ ଏକମାତ୍ର ଭରଷା । ହଜାର ହଜାର ଟ୍ରକ୍ ଚାଲୁଥିବା ବେଳେ ରାସ୍ତାଘାଟ ନିର୍ମାଣ କରାଯାଉ ନାହିଁ । କୃଷି ଭିତିକ ଚାଷ ଜମି ଗୁଡିକରେ ଲୁହା ଗୁଣ୍ଡର ଆସ୍ତରଣ ପଡିଯିବା ଫଳରେ ଚାଷ ବାସ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି । ସରକାରୀ ଅବହେଳାର ସୁଯୋଗ ନେଇ ଏ ଅଂଚଳରେ କାମ କରୁଥିବା ଶିଳ୍ପପତିମାନେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନ ନେବା ଫଳରେ ହଜାର ହଜାର ସ୍ଥାନୀୟ ଯୁବକ ଯୁବତୀ ବେକାର ବୁଲୁଛନ୍ତି । ଏହାର ପ୍ରତିବାଦରେ ଖଣି ସମୂହରେ ଶ୍ରମିକ ନିଯୁକ୍ତି ନେଇ ପ୍ରାୟ ସବୁ ସମୟରେ ଧାରଣା ଓ ଧର୍ମଘଟ ଲାଗି ରହୁଛି । ୨୦୧୫ ମସିହା ଜୁନ୍ ମାସରେ ତତ୍କାଳୀନ କେନ୍ଦୁଝର ଜିଲ୍ଲାପାଳ ଏନ୍. ତିରୁମାଲା ନାୟକ ଯୋଡା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ନିମନ୍ତେ ଗଠନ କରିଥିବା କୋର କମିଟିର କାର୍ଯ୍ୟ ଇତି ମଧ୍ୟରେ ୪ବର୍ଷ ବିତି ଯାଇଥିଲେ ମଧ୍ୟ ଜନସାଧାରଣଙ୍କୁ ଅଗୋଚରା କରିଛନ୍ତି । ରାସ୍ତା ଘାଟ ଏତେ ଖରାପ ଯେ ଏ ଅଂଚଳର ସମସ୍ୟା ବୁଝିବା ପାଇଁ ଆସୁଥିବା ଉଚ୍ଚ ପଦାଧିକାରୀଙ୍କୁ ଜିଲ୍ଲା ସଦର ମହକୁମାରୁ ହିଁ ବିଦା କରି ଦିଆଯାଉଛି । ଅତ୍ୟଧିକ ଧୂଳି ଧୂଆଁରେ ଅତିଷ୍ଠ ହୋଇ ବଡବିଲର ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶେଷରେ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କୁ ଚରମ ଚେତାବନୀ ଦେଇଛନ୍ତି । ଆସନ୍ତା ୧୯ ଓ ୨୦ ତାରିଖରେ ସ୍ଥାନୀୟ ମଧୁସୂଦନ ଛକ ଠାରେ ଗଣଧାରଣା ଦିଆଯିବ ବୋଲି ସିଭିଲ ସୋସାଇଟିର ଅବାହକ ଶ୍ରୀ ଅଶୋକ ଠକର ଓ ଉପଦେଷ୍ଟା ଶ୍ରୀ ସରୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ବିଧାୟୀକା ସୁଶ୍ରୀ ମୀନାକ୍ଷୀ ମହାନ୍ତ ଏବଂ ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ସମସ୍ତ ଆଶ୍ୱାସନା ଦେଇଥିବା ସତ୍ୱେ ଏ ଅଂଚଳର ସମସ୍ୟା ପ୍ରତି ଆଖି ବୁଜି ଦେଇଥିବାରୁ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ଆଜିର ପଦଯାତ୍ରାରେ ସହରର ବିଭିନ୍ନ ସଂଗଠନ ଯୋଗ ଦେଇ ସିଭିଲ ସୋସାଇଟିକୁ ସମର୍ଥନ ଜଣାଇଛନ୍ତି । ତନ୍ମଧ୍ୟରେ ସଂଜୀବନୀ ମହିଳା ସଂଗଠନ, ପ୍ରୟାସ ଗ୍ରୁପ୍, ଗୁରୁଦ୍ୱାର ସିଂହ ସଭା, ବିର୍ଷା ମୁଣ୍ଡା ଆଦିବାସୀ ବିକାଶ ମୋର୍ଚ୍ଚା, ଆଦର୍ଶ ମହିଳା ସମିତି, ମା'ଲକ୍ଷ୍ମୀ ମହିଳା ସମିତି ପ୍ରମୁଖ ସାମିଲ ହୋଇଛନ୍ତି । ୧୦ବର୍ଷରୁ ଅଟକି ରହିଥିବା ବାଇପାସ ରିଂ ରୋଡ ତୁରନ୍ତ ନିର୍ମାଣ ସମ୍ବନ୍ଧରେ ଯଦି କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ ପରି ଚରମ ପଦକ୍ଷେପ ନିଆଯିବ ବୋଲି ଯୁବନେତା ଶ୍ରୀ ବିକାଶ ଦାଶ ପ୍ରକାଶ କରିଛନ୍ତି ।

# ବିବାହ ପାଇଁ ବଜାଜ ଫିନ୍‌ସର୍ଭରେ ବ୍ୟକ୍ତିଗତ ଋଣ

ଭୁବନେଶ୍ୱର: ବଜାଜ ଫିନସର୍ଭ ପକ୍ଷରୁ ବିବାହ କାର୍ଯ୍ୟ ପାଇଁ ବ୍ୟକ୍ତିଗତ ଋଣ ପ୍ରଦାନ କରାଯାଉଛି । ଗ୍ରାହକମାନେ ବିନା କୌଣସି ବନ୍ଧକରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ ଏବଂ ତାହାକୁ ସହଜ କିସ୍ତିରେ ଶୁଝିପାରିବେ । ବିବାହ ସମୟରେ ହେଉଥିବା ଅନେକ ଯୋଜନାବଦ୍ଧ ଓ ଯୋଜନା ବାହାର ଖର୍ଚ୍ଚକୁ ଏହା ଜରିଆରେ ଅତି ସହଜରେ ପୂରଣ କରିହେବ । କ୍ୟାଟରିଂ ଠାରୁ ଆରମ୍ଭ କରି ସାଜସଜ୍ଜା ପର୍ଯ୍ୟନ୍ତ ସବୁ କିଛି ଖର୍ଚ୍ଚ ତୁଲାଇବା ଲାଗି ଗ୍ରାହକମାନେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ବଡ଼ ଋଣ ନେଇପାରିବେ । ଗ୍ରାହକମାନେ ଋଣକୁ ପରିଶୋଧ କରିବା ଲାଗି ୬୦ ମାସ ପର୍ଯ୍ୟନ୍ତର ସମୟ ପାଇବେ । ବଜାଜ ଫିନସର୍ଭର ଇଏମଆଇ କାଲକୁଲେଟରରେ କିସ୍ତି କେତେ ପଡ଼ିବ ତାହା ସହଜରେ ହିସାବ କରିହେବ । ଋଣ ପରିଶୋଧର ପ୍ରାରମ୍ଭିକ ସମୟରେ ଯଦି କେବଳ ସୁଧ ରାଶିକୁ ପ୍ରଥମେ ପରିଶୋଧ କରାଯିବ ତେବେ ପରବର୍ତି ସମୟରେ ଇଏମଆଇ ପରିମାଣ ୪୫% ପର୍ଯ୍ୟନ୍ତ କମିଯିବ । ବ୍ୟକ୍ତିଗତ ଋଣ ପାଇଁ ବଜାଜ ଫିନସର୍ଭର ଅତି ସହଜ ଯୋଗ୍ୟତା ମାନଦଣ୍ଡ ରହିଛି । ୨୫ରୁ ୩୫ ବର୍ଷ ବୟସର ବ୍ୟକ୍ତି, ଯେଉଁମାନେ ଭାରତରେ ବସବାସ କରୁଥିବେ ଓ ଭାରତର ନାଗରିକ ହୋଇଥିବେ, ଯେ କୌଣସି ବହୁଦେଶୀୟ କଂପାନି, ସରକାରୀ କିମ୍ବା ଘରୋଇ ସଂସ୍ଥାର ବେତନଭୋଗୀ କର୍ମଚାରୀ ହୋଇଥିବେ ସେମାନଙ୍କୁ ମାସିକ ବେତନ ଅନୁସାରେ ସେମାନେ ରହୁଥିବା ସହରକୁ ବିଚାରକୁ ନେଇ ବ୍ୟକ୍ତିଗତ ଋଣ ପ୍ରଦାନ କରାଯାଉଛି । ଯୋଗ୍ୟତା ମାନଦଣ୍ଡରେ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ କେବଳ ଏକ ଅନଲାଇନ ଫର୍ମ ପୂରଣ କରି ଆବଶ୍ୟକ କାଗଜପତ୍ର ସହ ଦାଖଲ କରିବାକୁ ହେବ । ଗ୍ରାହକମାନେ ନିଜର ପ୍ରି-ଆପ୍ରୁଭଡ୍ ଅଫରକୁ ମଧ୍ୟ ଅନଲାଇନ୍‌ରେ ଜାଣିପାରିବେ ।

# ବିଗ୍ ବଜାର ଏବଂ ଏଫ୍‌ବିବି ପକ୍ଷରୁ ପ୍ରଥମାଷ୍ଟମୀ ଉତ୍ସବ ପାଳିତ

## ଶିଶୁଦିବସ ଅବସରରେ ପିଲାମାନଙ୍କୁ ଉପହାର ପ୍ରଦାନ



ଭୁବନେଶ୍ୱର: ଶିଶୁଦିବସ ଅବସରରେ ବିଗ୍ ବଜାର ପକ୍ଷରୁ ମୌଳିକ ସୁବିଧାରୁ ବଂଚିତ ଛୋଟ ଛୋଟ ପିଲାମାନଙ୍କ ମୁହଁରେ ଖୁସି ନେଇ ଆସିଛି । ଏହା ସହ ଭାରତର ଅଗ୍ରଣୀ ହାଇପର ମାର୍କେଟ ଚେନ୍ ଫ୍ୟୁଚର ଗ୍ରୁପ୍ ଓଡିଶାବାସୀଙ୍କ ସହ ମିଶି ପ୍ରଥମାଷ୍ଟମୀ ଉତ୍ସବ ପାଳନ କରିଛି । ଏହି ଅବସରରେ ବିଗ୍ ବଜାର ତରଫରୁ ପିଲାମାନଙ୍କ ନୂତନ ବସ୍ତ୍ର ପ୍ରଦାନ କରିବା ସହ ରାଜ୍ୟର ୧୨ଟି ବିଗ୍ ବଜାର ଓ ୨ଟି ଏଫ୍‌ବିବି ଷ୍ଟୋରରେ ଆକର୍ଷଣୀୟ ଅଫର ଉପଲବ୍ଧ କରାଇଛନ୍ତି । ପାରମ୍ପରିକ ପ୍ରଥମାଷ୍ଟମୀ ପାଳନର ବିଧି ଅନୁଯାୟୀ ବିଗବଜାର ପିଲାମାନଙ୍କର ମାମୁଁ ହୋଇ ଭୁବନେଶ୍ୱରର ଡୁମୁଡୁମାସ୍ଥିତ ଏନ୍‌ଜିଓର ୩୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନିଜର ଏସ୍‌ପ୍ଲାନେଡ୍ ୱାନ୍ ମଲରେ ଥିବା ବିଗ୍ ବଜାର ଷ୍ଟୋରରେ ନୂତନ କପଡା ପ୍ରଦାନ କରିଥିଲେ । ଏହା ସହ ପିଲାମାନେ ମଲ୍ ବୁଲି ଦେଖିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମାଷ୍ଟମୀ ଅବସରରେ ବିଗ୍ ବଜାର ରାଜ୍ୟରେ ନିଜର ସମସ୍ତ ଷ୍ଟୋରରେ ଆକର୍ଷଣୀୟ ଅଫର ରଖିଛନ୍ତି । ୨୦୦୦ ଟଙ୍କାର କ୍ରୟ ଉପରେ ୧୯୯୯ଟଙ୍କା ଦେଇ ୬୫୦୦ ଟଙ୍କା ମୂଲ୍ୟର ଲଗେଜ୍ ବ୍ୟାଗ୍ ଅଥବା ୫୯୯ଟଙ୍କା ଦେଇ ୧୪୪୫ଟଙ୍କା ମୂଲ୍ୟରେ ଡିନ୍‌ର ସେଟ୍ ପାଇପାରିବେ । ପ୍ରଥମାଷ୍ଟମୀର ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଗ୍ ବଜାର ଇଷ୍ଟ ଜୋନ୍‌ର ସିଇଓ ମନୀଶ ଅଗ୍ରୱାଲ କହିଲେ, ବିଗ୍ ବଜାର ସବୁସମୟରେ ଗ୍ରାହକମାନଙ୍କୁ ନିଜର ପରିବାରର ସଦସ୍ୟ ଭାବେ ଗ୍ରହଣ କରିଥାଏ । ଶିଶୁ ଦିବସ ଅବସରରେ ଆମେ ଏହି କୁନି କୁନି ପିଲାମାନଙ୍କ ପାଇ ଖୁବ୍ ଆନନ୍ଦିତ । ପ୍ରଥମାଷ୍ଟମୀ ପାଳନ ଅବସରରେ ଆମେ ସମସ୍ତଙ୍କୁ ଆମ ଷ୍ଟୋରକୁ ଆସିବା ନିମନ୍ତେ ଆମନ୍ତ୍ରଣ କରୁଛୁ । ଆମର ପ୍ରତ୍ୟେକ ଷ୍ଟୋର ସେମାନଙ୍କର ପ୍ରଥମାଷ୍ଟମୀ ପାଳନ ନିମନ୍ତେ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ଅଛୁ ।

ଶିଶୁଦିବସ ଅବସରରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସଦସ୍ୟା ଅପରାଜିତା ଷଡଙ୍ଗୀଙ୍କ ଉପସ୍ଥିତିରେ ବିଗ୍ ବଜାର ଭୁବନେଶ୍ୱରର ଟେକ୍ସଟ୍ ବୁକ୍ ପ୍ରେସ୍ ନୋଡାଲ ହାଇସ୍କୁଲ ପ୍ରାଙ୍ଗଣରେ ଲିପ୍ କନ୍‌ସଲଟିଂ ସାମାଜିକ ଅନୁଷ୍ଠାନର ୪୦୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କ ମଧ୍ୟରେ ଖାଦ୍ୟ ସାମଗ୍ରୀ ବିତରଣ କରିଥିଲେ ।

# ଶାଳପଶିରେ ପାନୀୟ ଜଳ ପାଇଁ ଡହଳ ବିକଳ



କେନ୍ଦୁଝର(ପିଏନ.): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ପଂଚାୟତର (ତମ୍ବାହରା) ଶାଳପଶି ନୂଆସାହିରେ ଆଦିବାସୀ ସଂପ୍ରଦାୟର ଲୋକମାନେ ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଦୁଃଖର ବିଷୟ ଗ୍ରାମାଂଚଳରେ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଶାଳପଶି ଗ୍ରାମର ଆଦିବାସୀ ଜନବସତି ନୂଆସାହିରେ ପାନୀୟ ଜଳ ପାଇଁ ଚୁଆ ହିଁ ଏକମାତ୍ର ସାହାଭରଷା । ନଳକୂପ କିମ୍ବା ଜଳ ଯୋଗାଣ ବ୍ୟବସ୍ଥା ସେମାନଙ୍କ ପାଇଁ ସାତସପନ ପାଲଟିଛି । ଚୁଆରୁ ଗୋଳିଆ ପାଣି ସଂଗ୍ରହ କରି ତାକୁ ପାନୀୟ ଜଳ ରୂପେ ବ୍ୟବହାର କରିବା ଦ୍ୱାରା ନିଜ ଜୀବନକୁ ବିପଦରେ ପକାଇବା ସହ ସମାନ ବୋଲି ନୂଆସାହିର ବାସନ୍ତି ମୁଣ୍ଡା, ମାଳତୀ ମୁଣ୍ଡା, ବିଶ୍ୱନାଥ ମୁଣ୍ଡାଙ୍କ ସହ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଆଗକୁ ଖରା ଦିନ ଆସୁଥିବାରୁ ଯଦି ପାନୀୟ ଜଳର ବ୍ୟବସ୍ଥା କରାନଯାଏ ତେବେ ସେହି ଚୁଆର ଗୋଳିଆ ପାଣି ହିଁ ସେମାନଙ୍କର ଭରଷା ବୋଲି ଅତି ଦୁଃଖର ସହ କହିଛନ୍ତି ଗ୍ରାମବାସୀ । ତେଣୁ ନୂତନ ନଳକୂପ ସ୍ଥାପନ କରିବାକୁ ବୁଦ୍ଧିଜୀବୀ ଗୌରାଙ୍ଗ ମହାନ୍ତଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।

# ନୂତନ ଉପଜିଲ୍ଲାପାଳ ଙ୍କ ଯୋଡା ପୌରପାଳିକା ପରିଦର୍ଶନ



କେନ୍ଦୁଝର(ପିଏନ) : ଯୋଡା ପୌରପାଳିକାକୁ ନୂତନ ଭାବେ ଯୋଗଦାନ କରିଥିବା ଚମ୍ପୁଆ ଉପଜିଲ୍ଲାପାଳ ତଥା ଯୋଡା ପୌରପାଳିକା ପ୍ରଶାସକ ପ୍ରତାପ ପ୍ରୀତିମୟ ସୋମବାର ପୂର୍ବାହ୍ନରେ ଯୋଡା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ । ବିଶେଷକରି ବାଚୁହାଟିଂ ଠାରେ ନିର୍ମିତ ମାଇକ୍ରୋ କମ୍ପୋଷ୍ଟିଂ ସେଂଟର ଏବଂ ବିକେନ୍ଦ୍ରୀକୃତ କମ୍ପୋଷ୍ଟିଂ କେନ୍ଦ୍ରର କାର୍ଯ୍ୟ ତଦାରଖ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ । ଅର୍ବାନ ଆଇସିଡିଏସ କେନ୍ଦ୍ର ପରିଦର୍ଶନ କରିବା ସହ ଉକ୍ତ କେନ୍ଦ୍ରର ସଠିକ୍ ରକ୍ଷଣା ବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତତପରେ ପୌର କାର୍ଯ୍ୟାଳୟରେ ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

# ସ୍କୁଲ ଉନ୍ନୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର, ୧୯/୧୧(ପିଏନ): ସ୍କୁଲରେ ଅନିୟମିତତା ନେଇ ଉତ୍ୟକ୍ତ ହୋଇଛନ୍ତି ଗ୍ରାମବାସୀ । ସ୍କୁଲରେ ଲାଗିରହିଥିବା ଅଚଳାବସ୍ଥାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଗ୍ରାମବାସୀ ଅସନ୍ତୋସବ୍ୟକ୍ତ କରିଛନ୍ତି । ଏପରିକି ସ୍କୁଲରେ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ନିଳିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରେ ଥିବା ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ ବିରୁଧରେ ଅଭଳି ଅଭିଯୋଗ ଆସିଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନେକ ସମୟରେ ସ୍କୁଲକୁ ବିଳମ୍ବରେ ଆସିବା, ସ୍କୁଲକୁ ଆସୁଥିବା ଅନୁଦାନର ଦୁରୁପଯୋଗ, ଶୌଚାଳୟରେ ସଫାସୁତୁରା ନରହିବା, ଛୁଟିରେ ରହି ମଧ୍ୟ ଉପସ୍ଥାନରେ ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ରହିବା ଭଳି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ମାତ୍ର ଏ ସମ୍ପର୍କରେ ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ଗ୍ରାମବାସୀ ଔପଦା ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗନଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି ଗ୍ରାମବାସୀ । ଅନ୍ୟପକ୍ଷରେ ସ୍କୁଲ ଭିତରେ ଏମିତି ଜଣେ ମହିଳା ଶିକ୍ଷୟିତ୍ରୀଙ୍କୁ ଉଚ୍ଚ ସ୍ୱରରେ ପ୍ରଶ୍ନ ପଚାରିବାକୁ ନେଇ ସଂଘର ସମ୍ପାଦକ ସୁରେନ୍ଦ୍ର ନାଥ ବେହେରା ନିନ୍ଦା କରିଛନ୍ତି ।

# କାୟକଳ୍ପ ଆୱାର୍ଡ ପାଇଁ ଆରମ୍ଭ ହେଲା ସିଏଚ୍‌ସି ଓ ପିଏଚ୍‌ସି ସ୍ଥିତି ସମୀକ୍ଷା

ବାଲେଶ୍ୱର, ୧୯/୧୧(ପିଏନ): ଜିଲ୍ଲାରେ ପହଞ୍ଚିଛନ୍ତି ତିନି ଜଣିଆ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଟିମ୍ । ଜିଲ୍ଲାର ବିଭିନ୍ନ ସିଏଚ୍‌ସି ଓ ପିଏଚ୍‌ସି ବୁଲି ସ୍ଥିତି ସମୀକ୍ଷା କରିଛି ଏହି ଟିମ୍ । କାୟକଳ୍ପ ଆୱାର୍ଡ ପାଇଁ ସୋମବାର ବାଲେଶ୍ୱର ଗସ୍ତରେ ପହଞ୍ଚିଛନ୍ତି ଏଟି ଟିମ୍ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ଅଞ୍ଜନା ପଣ୍ଡାଙ୍କ ନେତୃତ୍ୱରେ ପହଞ୍ଚିଥିବା ଟିମ୍‌ରେ ଡା. ତୃପ୍ତି ମିଶ୍ର ଓ ବି.କେ ପଣ୍ଡା ସାମିଲ ହୋଇଛନ୍ତି । ସେମାନେ ସରକାରୀ ମେଡିକାଲ କଲେଜ, ସମସ୍ତ ରେମୁଣାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସେଠାକାର ସ୍ଥିତି ପରଖି ଥିଲେ । ବିଶେଷ କରି ରୋଗୀ ସେବାଠାରୁ ଆରମ୍ଭ କରି ଡାକ୍ତରଖାନାର ଆବଶ୍ୟକ ଡାକ୍ତର, ନର୍ସ, ଔଷଧ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ । ପ୍ରତ୍ୟେକ କେନ୍ଦ୍ରରେ ଥିବା ସମସ୍ୟା ଓ ସୁବିଧା ସୁଯୋଗ ଅନୁଧାନ ସହ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି । ଏହି ଟିମ୍ ତିନି ଦିନ ବାଲେଶ୍ୱରରେ ରହି ୪ଟି ସିଏଚ୍‌ସି ଓ ପିଅଚ୍‌ସି ସହ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ବୁଲି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ସହ ମେଡିକାଲର ଭିତିଭୂମି ଅନୁଧ୍ୟାନ କରିବେ । ଏହା ପରେ କାୟକଳ୍ପ ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱତନ୍ତ୍ର ଅନୁଦାନ ମିଳିଥାଏ ।

# ୟେସ୍ ବ୍ୟାଙ୍କ ଗ୍ରାହକ ଓ ସେମାନଙ୍କ ପରିବାରଙ୍କ ସହିତ ପାଳିଲେ ଶିଶୁ ଦିବସ



ଭୁବନେଶ୍ୱର : ୟେସ୍ ବ୍ୟାଙ୍କ ନିଜର ୧୧୦୦ଟି ଶାଖାରେ ବହୁ ଆନନ୍ଦ ସହକାରେ ୧୪ ନଭେମ୍ବର ୨୦୧୯ରେ ଶିଶୁ ଦିବସ ପାଳନ କରିଛି । ଏହି ଅବସରରେ ୟେସ୍ ବ୍ୟାଙ୍କ ନିଜର ଗ୍ରାହକ ଓ ସେମାନଙ୍କ ପିଲା ମାନଙ୍କୁ ନିମନ୍ତ୍ରଣ କରି ପଜଲ୍, କ୍ୟାରେମ୍, ସ୍କେଟିଙ୍ଗ୍ ଆଦି ଖେଳର ଆୟୋଜନ କରିଥିଲେ । ଏହାବ୍ୟତିତ ପିଲା ମାନଙ୍କୁ ସଞ୍ଚୟ, ନିବେଶ, ଏଟିଏମ୍ ଓ ଚେକ୍ ବୁକ୍‌ର ବ୍ୟବହାର ଆଦି ବିଷୟରେ ସଚେତନ କରିଥିଲେ ।

# ସଂକିର୍ତ୍ତନ ପ୍ରେମୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ଚଣ୍ଡିଖୋଲ, ୧୯/୧୧(ପିଏନ)-ବଡ଼ଚଣା ବ୍ଲକ ଅଧିନସ୍ଥ ସୁଙ୍ଗୁଡ଼ା ଗ୍ରାମର ସଙ୍କିର୍ତ୍ତନ ପ୍ରେମୀ ସ୍ୱର୍ଗତ କ୍ଷିରୋଦ ଚନ୍ଦ୍ର ସାହୁଙ୍କ ଏକଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ସମାଜ ସେବୀ ହେମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ, ବରିଷ୍ଠ କଳାକାର ରତ୍ନାକର ବଳ, ଅଧ୍ୟାପକ ଚନ୍ଦନ ପ୍ରଧାନ, ଶ୍ୟାମ ସୁନ୍ଦର ସଂକିର୍ତ୍ତନ ସଭାପତି ଅଭିରାମ ସାମଲ, ସଂପାଦକ ପ୍ରକାଶ ରାଉତ, ସଂକିର୍ତ୍ତତ ପ୍ରେକର ରଂଜନ କୁମାର ବାରିକ, ଚିତ୍ତରଂଜନ ସିଂ, ବାବନ ସାହୁ, ରତିକାନ୍ତ ସ୍ୱାଇଁ ଦିଲିପ ବଳ, ଅଶୋକ ପାତ୍ର, ସଂଗ୍ରାମ ଜେନା, ବିକ୍ରମ ମହାପାତ୍ର, ରଶ୍ମିରଂଜନ ସିଂ, ଅର୍ଜୁନ ଚରଣ ସାହୁ, ଅକ୍ଷୟ ରାଉତ, ଅରୁଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ କ୍ଷିରାଦ ସାହୁଙ୍କ ବହୁମୁଖି ପ୍ରତିଭାର ସ୍ମୃତି ଚାରଣ କରିଥିଲେ ।




# ମହାବିନାୟକ ବିଦ୍ୟାଳୟ, ବଡ଼ଚଣା ୧୯୬୬ ବ୍ୟାଚର ବନ୍ଧୁମିଳନ

ଚଣ୍ଡିଖୋଲ, ୧୯/୧୧(ପିଏନ)- ମହାବିନାୟକ ବିଦ୍ୟାଳୟ ବଡ଼ଚଣାର ୧୯୬୬ ବ୍ୟାଚର ଛାତ୍ରଛାତ୍ରୀ ଙ୍କ ଚତୁର୍ଦ୍ଦଶ ବନ୍ଧୁମିଳନ ୧୭/୧୧/୨୦୧୯ରିଖରେ ମହାବିନାୟକ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସୁନାକର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ ପ୍ରଫେସର ଦୁର୍ଗାଚରଣ ପଣ୍ଡା ଓ ଶ୍ରୀ ଶୁକଦେବ ପତିଙ୍କ ସହ ୨୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶିକ୍ଷକଙ୍କୁ ମାଲ୍ୟାର୍ପଣ ପରେ ପୂର୍ବତନ ପ୍ରଧାନ ଶିକ୍ଷକ କାଶିନାଥ ମିଶ୍ର ମିଶ୍ର ଓ ସାଥି ରାମଚନ୍ଦ୍ର ସିଂଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା ପରେ ସଭକାର୍ଯ୍ୟ ଆରମ୍ଭ ;ହୋଇଥିଲା । ସେକ୍ରେଟାରୀ ଶ୍ରୀ ବସନ୍ତ କୁମାର ରାଉତ ଗଲା ବର୍ଷର ବିବରଣୀ ପ୍ରଦାନ କରିଥିଲେ । ସାଥୀ ମାନଙ୍କ ମଧ୍ୟରୁ ଶ୍ରୀ ସୋମନାଥ ସ୍ୱାଇଁ, ଶ୍ରୀ ଜଗନ୍ନାଥ ସାମଲ, ଶ୍ରୀ ନିର୍ମଳ ଚନ୍ଦ୍ର ସାମଲ, ଶ୍ରୀ ନିରୋଦ ଚନ୍ଦ୍ର ଖିଲାର, ଶ୍ରୀ ଭଗବାନ ପଣ୍ଡା, ଶ୍ରୀ ମିହିର ପ୍ରସାଦ ମିଶ୍ର, ଭକ୍ତ ଚରଣ ନାୟକ, ଓ ଶ୍ରୀ ଚନ୍ଦ୍ରମଣୀ ସ୍ୱାଇଁ ଓ ଶ୍ରୀ ଅନ୍ତର୍ଯ୍ୟାମି ଜେନା ଇତ୍ୟାଦଦି ବକ୍ତବ୍ୟ ରଖିଥିଲେ । ପୂର୍ବତନ ଶିକ୍ଷକ ଶ୍ରୀ ଦୁର୍ଗାଚରଣ ପଣ୍ଡା ଓ ଶ୍ରୀ ଶୁକଦେବ ପତି ଏହି ବନ୍ଧୁମିଳନକୁ ଚଳାଇ ରଖିବା ପାଇଁ ଉଦ୍ୟମ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ବନ୍ଧୁମିଳନକୁ ଅନ୍ୟତ୍ର କରାଯିବା ପ୍ରସ୍ତାବ ଆଲୋଚନା କରାଯାଇଥିଲା । ତଥା 'ମୋ ସ୍କୁଲ' ଅଭିଯାନରେ ଆମେ କିଭଳି ସହଯୋଗ କେରିପାରିବା , ସେ ବିଷୟ ମଧ୍ୟ ଆଲୋଚିତ ହୋଇଥିଲା । ଆସନ୍ତା ବର୍ଷ ପାଇଁ ଶ୍ରୀ ମିହିର ପ୍ରସାଦ ମିଶ୍ର ସଭାପତି, ଶ୍ରୀ ପଦ୍ମଚରଣ ନନାୟକ ସଂପାଦକ ଓ ଶ୍ରୀ ଅନ୍ତର୍ଯ୍ୟାମୀ ଜେନା, ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଶ୍ରୀ ଜଗନ୍ନାଥ ସାମଲ ଧନ୍ୟବାଦ ଅର୍ପଣ କଲା ପରେ ସଭା ସଭାପ୍ତ ହୋଇଥିଲା ।

